# ବାରିପଦା ପୌରପରିଷଦ କାର୍ଯ୍ୟାଳୟ, ବାରିପଦା

ସଂଖ୍ୟା- ୬୨୫୫ ତାରିଖ- ୨୨.୦୮.୧୯

**ବିଜ୍ଞପ୍ତି**

**( Notification)**

ସରକାରଙ୍କ ପତ୍ର ସଂଖ୍ୟା ୧୩୪୮୦ ତା ୩୦.୦୭.୨୦୧୯ ରିଖ ମୁତବକ କାର୍ଯ୍ୟ ନିର୍ବାହୀ ଅଧିକରୀ ବାରିପଦା ପୌରପରିଷଦ,ବାରିପଦା ତରଫରୁ ପ୍ରତି ଘରୁ ବାହାରୁଥିବା ଅଦା ଓ ଶୁଖିଲା ବର୍ଜ୍ୟବସ୍ତୁର ପୃଥକୀକରଣ ଓ ସୁପରିଚାଳନା ନିମନ୍ତେ ପ୍ରତ୍ୟେକ ୱାର୍ଡ ପାଇଁ ଦରକାର ହେଉଥିବା **ସ୍ୱଚ୍ଛସାଥି / ସୁପରଭାଇଜର** ପଦବୀ ପୁରଣ ନିମନ୍ତେ ବାରିପଦା ପୌରାଞ୍ଚଳରେ ଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ନିମ୍ନ ଲିଖିତ ଯୋଗ୍ୟତା ଥିବା ସଦସ୍ୟା ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛନ୍ତି । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୦.୦୮.୨୦୧୯ (ଶୁକ୍ରବାର)ସମୟ ଅପରାହ୍ନ ୪.୦୦ ଘଟିକା । ଉପରକ୍ତ ଉପରକ୍ତ ତାରିଖ ଓ ସମୟ ଗତେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

ପଦବୀ ସଂଖ୍ୟା:- ସ୍ୱଚ୍ଛସାଥି - ୪୮ ଗୋଟି, ସୁପରଭାଇଜର :- ୧୨ ଗୋଟି

**ଶିକ୍ଷାଗତ ଯୋଗ୍ୟତା**

( ସ୍ୱଚ୍ଛସାଥି ପାଇଁ ): କୌଣସି ଏକ ମହାବିଦ୍ୟାଳୟରୁ ଯେ କୌଣସି ବିଷୟରେ (+ ୨ ପାସ୍ )କରିଥିବେ ।

(ସୁପରଭାଇଜର ପାଇଁ ) : କୌଣସି ଏକ ମହାବିଦ୍ୟାଳୟରୁ ଯେ କୌଣସି ବିଷୟରେ (+ ୩ ପାସ୍) କରିଥିବେ ।

**ମାସିକ ପ୍ରୋତ୍ସାହନ ରାଶି**

( ସ୍ୱଚ୍ଛସାଥି ପାଇଁ ) : ୪୦୦୦/- ଟଙ୍କା (ଚାରିହଜାର )

(ସୁପରଭାଇଜର ପାଇଁ ): ୮୦୦୦/- ଟଙ୍କା (ଆଠହାଜର)

**ସର୍ତ୍ତାବଳି**

- ଆବେଦନକାରିଣୀ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ/ସାହି ପାଇଁ ଆବେଦନ କରିପାରିବେ ସେ ଯେଉଁ ଅଞ୍ଚଳରେ ବସବାସ କରୁଥିବେ ।
- ଆବେଦନକାରିଣୀ ସେହି ଅଞ୍ଚଳ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ ।
- ଆବେଦନକାରିଣୀ ସେହି ଅଞ୍ଚଳର ଗୋଷ୍ଠୀ ବାସିନ୍ଦା ଙ୍କ ସହିତ ସୁ ସମ୍ପର୍କ ଥିବା ସହିତ ସେମାନଙ୍କ ଘରୁ ବାହାରୁଥିବା ଅଦା ଓ ଶୁଖିଲା ବର୍ଜ୍ୟ ବସ୍ତୁ ଗୁଡିକୁ ଅଲଗା କରି ରଖିବାର ଅଭ୍ୟାସ ପରିବର୍ତନରେ ପ୍ରତିନିଧି ଭାବରେ କାର୍ଯ୍ୟ କରିବେ ଓ ସେଗୁଡିକର ସୁପରିଚାଳନା ପାଇଁ ସୁନିଶ୍ଚିତ କରିବେ ।
- ପ୍ରତ୍ୟେକ ସ୍ୱଚ୍ଛସାଥି ଅନ୍ୟୁନ ୬୦୦ ପରିବାର ପାଇଁ କାର୍ଯ୍ୟ କରିବେ ।
- ପ୍ରତ୍ୟେକ ସୁପରଭାଇଜର ଅନ୍ୟୁନ ୨୪୦୦ ପରିବାର ପାଇଁ କାର୍ଯ୍ୟ କରିବେ ।
- ଆବେଦନକାରିଣୀ ଫୌଜଦାରୀ ମକର୍ଦ୍ଦମା ରେ ଲିପ୍ତ ହୋଇନଥିବେ କିମ୍ବା କୌଣସି ରାଜନୈତିକ ଦଳ ସହ ସଂଶ୍ଲିଷ୍ଟ ହୋଇନଥିବେ ।
- ପ୍ରତ୍ୟେକ ସ୍ୱଚ୍ଛସାଥି ତାଙ୍କ ଅଞ୍ଚଳରେ ଥିବା ସ୍କୁଲ ,ମାର୍କେଟ ,ଶିକ୍ଷା ପ୍ରତିଷ୍ଠାନ ଏବଂ ପାର୍କ ଗୁଡିକୁ ଅଦା ଓ ଶୁଖିଲା ବର୍ଜ୍ୟ ବସ୍ତୁର ପୃଥକୀକରଣ ସମ୍ବନ୍ଧରେ ସଚେତନ କରାଇବେ ।
- ପ୍ରତି ୪ ଜଣ ସ୍ୱଚ୍ଛସାଥିଙ୍କ କାର୍ଯ୍ୟ ତଦାରଖ, କାର୍ଯ୍ୟରେ ସହଯୋଗ ଏବଂ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଜଣେ ସୁପରଭାଇଜର ନିଯୁକ୍ତ ରହିବେ ।
- ପ୍ରତ୍ୟେକ ସ୍ୱଚ୍ଛସାଥି ଓ ସୁପରଭାଇଜର , ନିଜ ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ କିମ୍ବା ସଭାପତିଙ୍କ ଦ୍ୱାରା ମନୋନୀତ ହେବା ଆବଶ୍ୟକ ।
- ସଫେଇ ସମ୍ବନ୍ଧୀୟ କାର୍ଯ୍ୟରେ ସଂଶ୍ଲିଷ୍ଟ ଥିବା ଏବଂ ଅଭିଜ୍ଞାତା ଥିବା ପ୍ରାର୍ଥିନୀ ଙ୍କୁ ଅଗ୍ରାଧିକାର ଦିଆଯିବ ।
- ସମସ୍ତ ପ୍ରମାଣପତ୍ର ଯାଞ୍ଚ ପରେ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କର ଏକ ସାକ୍ଷାତକାର ମାଧ୍ୟମର ପ୍ରାର୍ଥିନୀ ଚୟନ କରାଯିବ ।

(signature) ୨୨.୮.୧୯

ନିର୍ବାହୀ ଅଧିକାରୀ

ବାରିପଦା ପୌରପରିଷଦ